# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 June– 2026**

# ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସରକାରଙ୍କ କାର୍ଯ୍ୟକାଳକୁ ଦୁଇ ବର୍ଷ ପୂରଣ ହୋଇଛି। ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଲୋକସେବା ଭବନରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛନ୍ତି। ପୂର୍ବାହ୍ନରେ ହେବାକୁ ଥିବା ସମ୍ମିଳନୀରେ ଶ୍ରୀ ମାଝୀ ସରକାରଙ୍କ ଦୁଇ ବର୍ଷର ସଫଳତା ଏବଂ ଭବିଷ୍ୟତ ରୂପରେଖ ବିଷୟରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଅପରାହ୍ନରେ ମୁଖ୍ୟମନ୍ତ୍ରୀ  ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରୁ ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ କରିବେ। ଏଥିରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମ୍ୟାଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ, ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନର ଶିଳାନ୍ୟାସ, ରାଜ୍ୟର ଅଙ୍ଗନବାଡ଼ି କର୍ମୀ, ମହିଳା ସୁଭରପାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ ଏବଂ ସୁଭଦ୍ରା ଶକ୍ତି ସମ୍ବାଦର ଶୁଭାରମ୍ଭ କରିବେ। ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅନୁମୋଦନ ଲାଭ କରିବାର ସମ୍ଭାବନା ରହିଛି।

## ନୀତି ଆୟୋଗ ବିତ୍ତୀୟ ସୂଚକାଙ୍କ

ଓଡ଼ିଶା ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ୭ ଦଶମିକ ୯ ପ୍ରତିଶତ ବିକାଶ ହାର ହାସଲ କରି ନୀତି ଆୟୋଗର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚକାଙ୍କ ୨୦୨୬ରେ ଦେଶରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ନୀତି ଆୟୋଗର ଏକାଦଶ ପରିଚାଳନା ପରିଷଦ ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସଶକ୍ତ ନାଗରିକ, ଦକ୍ଷ ଯୁବପିଢ଼ି, ସୁସ୍ଥ ପରିବାର ଏବଂ ଶିକ୍ଷିତ ଶିଶୁମାନଙ୍କ ମାଧ୍ୟମରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହୋଇପାରିବ। ରାଜ୍ୟରେ ଆଗାମୀ ଦିନରେ ଜାତୀୟ ଏ.ଆଇ. ମିଶନ ଅଧୀନରେ ପ୍ରତି ଶିଶୁଙ୍କ ଶିକ୍ଷା ଓ ବିକାଶ ପାଇଁ କୃତ୍ରିମ ବୁଦ୍ଧିମତାର ବ୍ୟବହାର କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

## ପିଠା ଅନ୍ ହୁଇଲ୍ସ

ରଜ ପର୍ବ ଅବସରରେ ରାଜ୍ୟର ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାର ପ୍ରସାର ସହ ମହିଳା ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ 'ପିଠା ଅନ୍ ହୁଇଲ୍ସ' କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି। ଏଥିରେ ୬ଟି ଗାଡ଼ି ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କୁ ପାରମ୍ପରିକ ପିଠା ସହ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବ।

# ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମ

ଭବିଷ୍ୟତ ପିଢ଼ି ପାଇଁ ପରିବେଶକୁ ସୁରକ୍ଷିତ ରଖିବାର ଉତ୍ତରଦାୟିତ୍ୱ ସମସ୍ତଙ୍କୁ ନେବାକୁ ପଡ଼ିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ନବରଙ୍ଗପୁର ଜିଲ୍ଲା ଉମରକୋଟ ପେଣ୍ଡାଣି ସ୍ନାତକ ମହାବିଦ୍ୟାଳୟରେ ପରିବେଶ ପଞ୍ଚାୟତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଗଛ ଓ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ବନ ବିଭାଗ ଓ ପ୍ରଶାସନକୁ ଆହ୍ୱାନ ଦେଇଛନ୍ତି।

# ସଡ଼କ ସୁରକ୍ଷା କମିଟି

ଗଞ୍ଜାମ ଜିଲ୍ଲାରେ ସଡ଼କ ସୁରକ୍ଷା ସମ୍ପର୍କିତ ପଦକ୍ଷେପ ଉପରେ ସଡ଼କ ସୁରକ୍ଷା କମିଟି ବୈଠକରେ ଆଲୋଚନା ହୋଇଛି। ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ବୈଠକରେ ସଡ଼କ ଦୁର୍ଘଟଣା ଘଟିବାର ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସମଗ୍ର ଶିକ୍ଷା ଯୋଜନା

ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ସମ୍ପର୍କିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୩୨ଟି ବିଦ୍ୟାଳୟର ସାମାଜିକ ସମୀକ୍ଷା କରାଯାଇ ପାନୀୟ ଜଳ, ଶ୍ରେଣୀ ଗୃହ ଅଭାବ ଓ ମଧ୍ୟାହ୍ନ ଭୋଜନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ସ୍ୱଚ୍ଛ ଓ ଖାଦ୍ୟର ଗୁଣବତ୍ତା ପାଇଁ ଶ୍ରେଷ୍ଠ ବିଦ୍ୟାଳୟ ଗୁଡ଼ିକୁ ପୁରସ୍କୃତ କରାଯାଇଥିଲା।

# ଅମ୍ଳାନ କାର୍ଯ୍ୟକ୍ରମ

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ାର ମିଳିତ ଆନୁକୂଲ୍ୟରେ ଅମ୍ଳାନ କାର୍ଯ୍ୟକ୍ରମରେ ଭର୍ଚୁଆଲ ପ୍ରଶିକ୍ଷଣ ଆୟୋଜିତ ହୋଇଛି। ଜିଲ୍ଲାପାଳ ରଘୁରାମ ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୬ ହଜାର ୧୩୨ରୁ ଅଧିକ କ୍ଷେତ୍ର କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ନନ୍ଦନକାନନ ବନ୍ଦ

ରଜପର୍ବ ଉପଲକ୍ଷେ ଆସନ୍ତା ୧୫ ତାରିଖ ସୋମବାର ଦିନ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଖୋଲା ରହିବ। ସୋମବାର ପରିବର୍ତ୍ତେ ମଙ୍ଗଳାବାର ନନ୍ଦନକାନନ ବନ୍ଦ ରହିବ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଶିଶୁ ଶ୍ରମ ନିରୋଧ ଦିବସ

ଶିଶୁ ନିର୍ଯାତନା ରୋକିବା, ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହେଉଛି । ଶିଶୁଙ୍କୁ ତାଙ୍କର ନାଯ୍ୟ ଅଧିକାର ପ୍ରଦାନ କରିବା ଏବଂ ତାଙ୍କର ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ । ଚଳିତ ବର୍ଷ

ଏହାର ବାର୍ତ୍ତା ରହିଛି "ଶିଶୁ ଶ୍ରମକୁ ରେଡକାର୍ଡ: ପିଲାମାନଙ୍କ ପାଇଁ ସୁରକ୍ଷିତ ଖେଳ, ବୟସ୍କଙ୍କ ପାଇଁ ସମ୍ମାନଜନକ କାର୍ଯ୍ୟ" ।

## ମେମୁ ଟ୍ରେନ୍ ଚଳାଚଳ

କଟକ–ଭଦ୍ରକ–କଟକ ମେମୁ ଟ୍ରେନ୍ ସେବା ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚଳାଚଳ କରିବ। ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଥିବା ଧାନମଣ୍ଡଳ–କପିଳାସ ରୋଡ ସେକସନ୍‌ରେ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ମେମୁ ଟ୍ରେନ୍ ସେବାଗୁଡ଼ିକୁ ସମାୟିକ ଭାବେ ବାତିଲ କରାଯାଇଥିଲା।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ତିନି ଦିନ ମଧ୍ୟରେ ରାଜ୍ୟକୁ ସ୍ପର୍ଶ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏହାର ପ୍ରଭାବରେ ତାପମାତ୍ରା ଆହୁରି ହ୍ରାସ ପାଇବ। ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ହେବା ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଅପରପକ୍ଷରେ ଗତକାଲି ୧୦ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାଠାରେ ସର୍ବାଧିକ ତାପମାତ୍ରା ୪୨ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।